## ସଂକ୍ଷେପରେ

### ଗଛରେ ପିଟିହେଲା ବାଇକ: ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

**ଗୁଣପୁର,୧୬(ଡି.ଏନ୍.ଏ.):** ରାୟଗଡ଼ା ଜିଲା ଗୁଣପୁର ସହର ବିକ୍ରମପୁର ଆଦର୍ଶ ବିଦ୍ୟାଳୟ ଛକ ନିକଟରେ ବୁଧବାର ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲେଚିନାସାରି ପଞ୍ଚାୟତ ପଦାସାହି ଗ୍ରାମର ସବାଜନ ମିଶାଲ(୫୦)। ସ୍ତ୍ରୀ ସଞ୍ଜୁକ୍ତା(୪୫) ଏଥିରେ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ସବାଜନ ଏବଂ ସଞ୍ଜୁକ୍ତା ଆନ୍ଧ୍ର ପ୍ରଦେଶର ଗୁମାଲକ୍ଷ୍ମୀପୁର ଯାଇ ଘରକୁ ଫେରୁଥିଲେ। ଅପରାହ୍ନରେ ବିକ୍ରମପୁର ଆଦର୍ଶ ବଦ୍ୟାଳୟ ଛକ ଠାରେ ଭାରସାମ୍ୟ ହରାଇ ବାଇକ୍ ରାସ୍ତାପାର୍ଶ୍ୱ ଗଛରେ ପିଟି ହୋଇଥିଲା। ଗୁଣପୁର ଅଗ୍ନିଶମ ବାହିନୀ ପହଞ୍ଚି ସବାଜନଙ୍କୁ ଉଦ୍ଧାର କରି ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଞ୍ଜୁକ୍ତାଙ୍କ ଚିକିତ୍ସା ଚାଲିଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ସୂଚନା ମିଳିଛି।

### ୨ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ମାଲକାନଗିରି,୧୬ (ଡି.ଏନ.ଏ.):** ମାଲକାନଗିରି ଜିଲା ଟିଟିବିର ଆଶ୍ରମ ବିଦ୍ୟାଳୟରେ ବୁଧବାର ମାଲ୍ୟବନ୍ତ ଛତ୍ରାବାସରେ ପ୍ରଧାନଶିକ୍ଷକ ମୃତ୍ୟୁଞ୍ଜୟ ହାଲଦାରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ମାଲକାନଗିରି ଡିଡବ୍ଲୁଓ କୃପାସିନ୍ଧୁ ବେହେରା ମୁଖ୍ୟଅତିଥି,ପିଏ ଆଇଟିଡିଏ ତ୍ରିନାଥ ମାଝି ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ୧୯୮୧ରୁ ହାଲଦାର ଆଶ୍ରମ ବିଦ୍ୟାଳୟରେ ଶିକ୍ଷକ ରୂପେ କାର୍ଯ୍ୟରେ ଯୋଗ ଦେଇଥିଲେ। ସେ ପ୍ରଧାନଶିକ୍ଷକ ଭାବେକାର୍ଯ୍ୟ କରିବା ସହ ରାଜ୍ୟ ଅଲଓଡିଶା ମଙ୍ଗଳବିଭାଗ ଶିକ୍ଷକସଂଘ ସଭାପତି ଥିଲେ। ଏହି ଅବସରରେ ଭେଙ୍କଟପାଲମ ଆଶ୍ରମ ବିଦ୍ୟାଳୟର ଶିକ୍ଷକ କେଶବ ଚନ୍ଦ୍ର ଦାସଙ୍କୁ ମଧ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

### ଅଗ୍ନିକାଣ୍ଡରେ ଜଳିଗଲା ମହିଳାଙ୍କ ଘର

**ଏମ୍‌ଭି ୭୯,୧୬(ଡି.ଏନ୍.ଏ.):** ମାଲକାନଗିରି ଜିଲା ମୋଟୁ ଥାନା ସଦର ମହକୁମାରେ ତାଳପତ୍ର ଛପର କରି ରହୁଥିବା ଜଣେ ବିଧବା ମହିଳା ଜଡି କାନିଙ୍କ ଘରେ ନିଆଁ ଲାଗି ଘରଟି ସମ୍ପୂର୍ଣ୍ଣ ଜଳିଯାଇଛି। ତାଙ୍କ ସ୍ୱାମୀ ଜଡି ଧର୍ମା ଗତ ୨ ବର୍ଷ ତଳେ ଅଜଣା ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରିଥିଲେ। ଜଡି ତାଙ୍କର ଦୁଇ ସନ୍ତାନକୁ ଧରି ପର ଘରେ କାମ କରି ଚଳି ଆସୁଥିଲେ। ୩ ଦିନ ତଳେ ସବୁଦିନ ଭଳି କାନି କାମକୁ ଯାଇଥିବାବେଳେ ତାଙ୍କ ଘରେ ନିଆଁ ଲାଗିଯାଇଥିଲା। ପାଖ ପଡ଼ୋଶୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ ତାହା ସମ୍ଭବ ହୋଇ ନ ଥିଲା। ଜଡିଙ୍କୁ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



# ଥାନାରେ ଏତଲା ଦେଲେ ଶିଶୁ ସୁରକ୍ଷା ଅଧିକାରୀ

**ରାୟଗଡ଼ା ଅଫିସ,୧୬**

**ନର୍ସିଂହୋମରୁ ଶିଶୁପୁତ୍ର ଗାଏବ ଘଟଣା**

■ନର୍ସିଂହୋମ କର୍ତ୍ତୃପକ୍ଷ, ଏଏନ୍ଏମ୍‌ଙ୍କ କଥାରେ ତାଳମେଳ ନାହିଁ

ଟଙ୍କା ଦେଇ ନ ପାରିବାରୁ ରାୟଗଡ଼ା ସହରର ଏକ ନର୍ସିଂହୋମ କର୍ତ୍ତୃପକ୍ଷ ଶିଶୁପୁତ୍ରକୁ ବନ୍ଧକ ରଖିଥିବା ନେଇ ରାୟଗଡ଼ା ଜିଲା ସଦର ବ୍ଲକ କାରୁବାଇ ଗ୍ରାମର ରାଇସିଂ ମେଲେକା ସୋମବାର ଅଭିଯୋଗ କରିଥିଲେ। ଏହି ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜିଲାପାଳ ସରୋଜ କୁମାର ମିଶ୍ର ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଶିଶୁଟି ମୃତ କିମ୍ବା ଜୀବିତ ତାହା ସ୍ପଷ୍ଟ ହେଉ ନ ଥିବାରୁ ବୁଧବାର ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ ବୁଧବାର ରାୟଗଡ଼ା ଟାଉନ ଥାନାରେ ଏତଲା ଦେବା ସହ ଘଟଣାର ତଦନ୍ତ ଦାବି କରିଛନ୍ତି। ଏ ନେଇ ୧୩୩/୨୨ ରେ ଏକ ମାମଲା ରୁଜୁ କରାଯାଇଛି।

ସୂଚନାଯୋଗ୍ୟ, ଜିଲା ଶିଶୁ ସୁରକ୍ଷା ବିଭଗ ଓ ଶିଶୁ ମଙ୍ଗଳ କମିଟି ପକ୍ଷରୁ ଘଟଣାର ତଦନ୍ତ କରାଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନେତୃତ୍ୱରେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ରାଜକିଶୋର ସାହୁ, ସଦସ୍ୟ ନିକୁଞ୍ଜ ବିହାରୀ ପ୍ରଧାନ, ଆଇନ ଅଧିକାରୀ ନିରାକାର ପାଢ଼ୀ ବ୍ୟାଙ୍କ କଲୋନୀସ୍ଥିତ ଉକ୍ତ ନର୍ସିଂହୋମକୁ ଯାଇ ତଦନ୍ତ କରିଛନ୍ତି। ଏହି ସମୟରେ ଏଏନ୍ଏମ୍ ପ୍ରଭାତୀ ଜେନାଙ୍କ କାର୍ଯ୍ୟ ସନ୍ଦେହ ଘେରକୁ ଆସିଛି। ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଜଣେ କର୍ମଚାରୀ ସରକାରୀ ଡାକ୍ତରଖାନା ନ ନେଇ କାହିଁକି ଶିଶୁକୁ ନର୍ସିଂହୋମକୁ ନେଲେ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ତଦନ୍ତ ସମୟରେ ଏଏନ୍ଏମ୍ କର୍ମୀଙ୍କୁ ପ୍ରଶ୍ନ କରିଥିଲେ। ଅନ୍ୟପକ୍ଷରେ ଡାକ୍ତର ନବକିଶୋର କୁଣ୍ଡୁ ଶିଶୁଟିର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଥିବା ସୋମବାର କହିଥିବାବେଳେ ଯଦି ଏହା ସତ ତେବେ ପୌର ପରିଷଦ, ପୋଲିସ, ପ୍ରଶାସନ କିମ୍ବା ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଏ ନେଇ ସୂଚନା ଦିଆଯାଇ ନ ଥିଲା କାହିଁକି ବୋଲି ନର୍ସିଂହୋମ କର୍ତ୍ତୃପକ୍ଷଙ୍କୁ ପ୍ରଶ୍ନ କରାଯାଇଥିଲା। ଏ ନେଇ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ଏଏନ୍ଏମ୍ ଏବଂ ନର୍ସିଂହୋମ କର୍ତ୍ତୃପକ୍ଷଙ୍କ କଥାରେ ତାଳମେଳ ରହି ନ ଥିବା କୁହାଯାଇଛି। ସେହିପରି ଶିଶୁଟିକୁ ନର୍ସିଂହୋମରେ ଭର୍ତ୍ତି କରିବା ପରେ ପରିବାର ଲୋକେ ଥରଟିଏ ଦେଖିଥିଲେ। ତେଣୁ ନର୍ସିଂହୋମରେ ଶିଶୁଟିର ମୃତ୍ୟୁ ଘଟିଛି କିମ୍ବା ଏଥିରେ ଅନ୍ୟ କିଛି ରହସ୍ୟ ରହିଛି ତାହା ସ୍ପଷ୍ଟ ହୋଇପାରୁନି। ଏହି କାରଣରୁ ଥାନାରେ ଏତଲା ଦିଆଯାଇଥିବା ଶିଶୁ ସୁରକ୍ଷା ଅଧିକାରୀ କହିଛନ୍ତି। ଅପରପକ୍ଷେ ସିଡିଏମ୍ଓ ଡା. ଲାଲମୋହନ ରାଉତରାୟଙ୍କୁ ଘଟଣା ନେଇ ପଚାରିବାରୁ ସେ କହିଛନ୍ତି, ସ୍ୱତନ୍ତ୍ର ଟିମ୍‌କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଗୁରୁବାର ସୁଦ୍ଧା ରିପୋର୍ଟ ଆସିବ ବୋଲି ସେ କହିଛନ୍ତି।

ପ୍ରକାଶଯୋଗ୍ୟ, ରାଇସିଂଙ୍କ ସ୍ତ୍ରୀ ମାର୍ଚ୍ଚ ୧୭ରେ ଶିଶୁପୁତ୍ରଟିକୁ ଜନ୍ମ ଦେଇଥିଲେ। ଏହାପରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ନବଜାତକ ଅସୁସ୍ଥ ହୋଇପଡ଼ିଥିଲା। ଆଶାକର୍ମୀ ଏବଂ ଏଏନ୍ଏମ୍ ଶିଶୁଟିକୁ ନେଇ ସରକାରୀ ଡାକ୍ତରଖାନା ବଦଳରେ ନର୍ସିଂହୋମରେ ଭର୍ତ୍ତି କରିଥିଲେ। ପୁଅକୁ ଦେବା ପାଇଁ ନର୍ସିଂହୋମ କର୍ତ୍ତୃପକ୍ଷ ୩୭ ହଜାର ଟଙ୍କା ମାଗିଥିଲେ। ୩ ଦିନ ମଧ୍ୟରେ ଟଙ୍କା ନ ଦେଲେ ପୁଅ ଆମର ବୋଲି ନର୍ସିଂହୋମ କର୍ମଚାରୀ କହିଥିଲେ। ତେଣୁ ଟଙ୍କା ଦେଇ ନ ପାରିବାରୁ ପୁଅକୁ ଫେରାଉ ନ ଥିବା ରାଇସିଂ ଅଭିଯୋଗ କରିଥିଲେ। ତେବେ ଚିକିତ୍ସାର ୧୫ ଦିନ ପରେ ଶିଶୁଟିର ମୃତ୍ୟୁ ଘଟିଥିବା ନର୍ସିଂହୋମର ଡାକ୍ତର କହିଥିଲେ।

# ପୂର୍ବ ପ୍ରସ୍ତାବିତ ସ୍ଥାନରେ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ଦାବି



ଦାବି ଜଣାଇବାକୁ ଆସିଥିବା ଅଞ୍ଚଳବାସୀ।

**ମୁନିଗୁଡ଼ା,୧୬(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକରେ ନୂତନ ଭାବେ ହେବାକୁ ଥିବା ବସଷ୍ଟାଣ୍ଡକୁ ନେଇ ଅସନ୍ତୋଷ ଦେଖାଦେଇଛି। ପ୍ରଶାସନ ପୁରୁଣା ବସାଷ୍ଟାଣ୍ଡ ସ୍ଥାନରେ ନୂତନ ବସଷ୍ଟାଣ୍ଡ କରିବାକୁ ଚାହୁଁଥିବା ବେଳେ ମୁନିଗୁଡ଼ାର ଅଧିକାଂଶ ଲୋକେ ପୂର୍ବ ପ୍ରସ୍ତାଂବିତ ସ୍ଥାନରେ ନୂତନ ବସଷ୍ଟାଣ୍ଡ କରାଯାଉ ବୋଲି ମତ ରଖିଛନ୍ତି। ଏହାକୁ ନେଇ ବୁଧବାର ମୁନିଗୁଡ଼ା ଅଞ୍ଚଳର କରୁଣାକର ପାଲକିଆ, ରମେଶ ପାଣି, ଟୁନା କରକରିଆ, ସୋମନାଥ କରକରିଆ, ଗରିବ ଗରଡ଼ିଆ, ରଞ୍ଜନ ନାଗ, ଲକ୍ଷ୍ମଣ କୁଶୁଲିଆ, କୃତିବାସ କରକରିଆ, ଅନନ୍ତ ବାଗ, ନରେନ୍ଦ୍ର ନାଗ, ହେମନ୍ତ ହିଆଲ ପ୍ରମୁଖ ଅଞ୍ଚଳବାସୀ ତହସିଲଦାର ଦେବାଶିଷ ଗୌଡ଼ଙ୍କୁ ସାକ୍ଷାତ କରି ସମସ୍ୟା ଜଣାଇବାକୁ ତାଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ତାଙ୍କ ଅନୁପସ୍ଥିତରେ ଅତିରିକ୍ତ ତହସିଲଦାର ସତ୍ୟନାରାୟଣ ପ୍ରଧାନଙ୍କୁ ଭେଟି ବସଷ୍ଟାଣ୍ଡକୁ ନେଇ ଉପୁଜିଥିବା ସମସ୍ୟା ଓ ରେଲଲାଇନ୍ ଭୂତଳ ରାସ୍ତା ନିର୍ମାଣ ଉପରେ ଅବଗତ କରାଇଛନ୍ତି।

ପୁରୁଣା ବସଷ୍ଟାଣ୍ଡରେ ଥିବା ସଦ୍ୟ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ, ଶୌଚାଳୟ, ପୂର୍ବରୁ ଥିବା ଅନେକ ଦୋକାନ ଘର, ମନ୍ଦିର, ମଟର ୟୁନିୟନ କାର୍ଯ୍ୟାଳୟ, ବସଷ୍ଟାଣ୍ଡ କାର୍ଯ୍ୟାଳୟ ଏବଂ ଅନେକ ବ୍ୟବସାୟିକ ପ୍ରତିଷ୍ଠାନ ନୂତନ ବସଷ୍ଟାଣ୍ଡ ନିର୍ମାଣ ବେଳେ ଭାଙ୍ଗି ଦିଆଯିବ। ଅନେକ ଟଙ୍କା ଖର୍ଚ୍ଚ କରି ସାଧାରଣ ଲୋକଙ୍କ ଟିକସରେ ହୋଇଥିବା ଏହି ବସାଷ୍ଟାଣ୍ଡ ଓ ବ୍ୟବସାୟିକ ପ୍ରତିଷ୍ଠାନକୁ ନ ଭାଙ୍ଗି ଟ୍ୟାକ୍ସି, ଅଟୋ ଷ୍ଟାଣ୍ଡ କରିବାକୁ ସେମାନେ ଦାବି ରଖିବା ସହ ପୂର୍ବ ନିର୍ଦ୍ଧାରିତ ବନଦୁର୍ଗା ମନ୍ଦିର ସମ୍ମୁଖ ସରକାରୀ ଜମିରେ ନୂତନ ବସଷ୍ଟାଣ୍ଡ କରିବାକୁ ଦାବି କରିଛନ୍ତି। ଏଥିସହ ଭୂତଳ ରାସ୍ତା ହେଲେ ଟ୍ରାଫିକ ସମସ୍ୟା ଅନେକାଂଶରେ ସମାଧାନ ହୋଇଯିବ। ସମସ୍ତଙ୍କ ମଙ୍ଗଳ ପାଇଁ ପ୍ରଶାସନ ଉପଯୁକ୍ତ ନିର୍ଣ୍ଣୟ ନେବାକୁ କହିଛନ୍ତି। ପ୍ରକାଶଯୋଗ୍ୟ, ମୁନିଗୁଡ଼ାରେ ଜନସଂଖ୍ୟା ବୃଦ୍ଧି ଏବଂ ଟ୍ରାଫିକ ସମସ୍ୟା ଯୋଗୁ ପୁରୁଣା ବସଷ୍ଟାଣ୍ଡ ଆଉ ଉପଯୋଗୀ ହେଉନାହିଁ। ତେବେ ଅତିରିକ୍ତ ତହସିଲଦାର ସମସ୍ୟା ଶୁଣିଥିଲେ ମଧ ସେ ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଥିବାରୁ ତହସିଲଦାର ଫେରିଲେ ତାଙ୍କୁ ଭେଟିବାକୁ ପରାମର୍ଶ ଦେଇଥିବା ଜଣାପଡ଼ିଛି।

# ଗରିବ ବ୍ରାହ୍ମଣ ପିଲାଙ୍କ ସାମୁହିକ ବ୍ରତୋପନୟନ

**ଗୁଣପୁର,୧୬(ଡି.ଏନ୍.ଏ.)**



ଚାରିକର୍ମ କାର୍ଯ୍ୟକ୍ରମ ଚାଲିଛି।

ରାୟଗଡ଼ା ଜିଲା ଗୁଣପୁର ବ୍ରାହ୍ମଣ ସମାଜ ପକ୍ଷରୁ ଚାଲିଥିବା ସାମୁହିକ ବ୍ରତୋପନୟନ କାର୍ଯ୍ୟକ୍ରମ ବୁଧବାର ଶେଷ ହୋଇଛି। ଦୁଇ ଦିନିଆ କାର୍ଯ୍ୟକ୍ରମର ପ୍ରଥମ ଦିନରେ ଚାରିକର୍ମ ଅନୁଷ୍ଠିତ ହୋଇଥିଲା। ବୁଧବାର ଯଜ୍ଞୋପବିତ ଧାରଣ କାର୍ଯ୍ୟକ୍ରମ ହୋଇଥିଲା। ସମସ୍ତ ରୀତିନୀତି ଅନୁଯାୟୀ ଭେଙ୍କେଟେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅସହାୟ, ଗରିବ ବ୍ରାହ୍ମଣ ପିଲାଙ୍କ ପାଇଁ ଏହି ସାମୁହିକ ବ୍ରତୋପନୟନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ୧୪ ଜଣ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ପୂଜକ ନବୀନ ରଥଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ପ୍ରକାଶ ରଥ, କାଶୀ ବିଶ୍ୱନାଥ ମିଶ୍ର, ନଳିନୀ ମହାନ୍ତି, ସୂର୍ଯ୍ୟ ନାରାୟଣ ରଥ ପ୍ରମୁଖ ଉପସ୍ଥିତ ରହି ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ବ୍ରାହ୍ମଣ ସମାଜର କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୨ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ନବରଙ୍ଗପୁର, ୧୬(ବି.ପ୍ର.)**

ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ପଦାଧିକାରୀ ଏବଂ କର୍ମଚାରୀଙ୍କ ପକ୍ଷରୁ ସହାୟକ ଜିଲାପାଳ ହେମଲତା ମାଝି ଏବଂ ଜିଲା ମଙ୍ଗଳ ଅଧିକାରୀ ବିଭାଗୀୟ ସେକ୍ସନ ଅଫିସର ଭଗବାନ ପାଣିଗ୍ରାହୀଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସହାୟକ ଜିଲାପାଳ ମାଝିଙ୍କର ସାହିତ୍ୟ କଳା ସଂସ୍କୃତିରେ ରୁଚି ଥିଲା। ନବରଙ୍ଗପୁର ଜିଲାପାଳ ଡକ୍ଟର କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଉପଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଉପସ୍ଥିତ ଥିଲେ। ସେମାନେ ବିଦାୟୀ ଅଧିକାରୀଙ୍କୁ ପ୍ରୋଭିଜିନାଲ ପେନସନ ପ୍ରଦାନ କରିଥିଲେ। ଏହିସଭାରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ଜିଲାପାଳ ନିର୍ମଳ ନାୟକ, ମୌସୁମୀ ନାୟକ, ସୁବ୍ରତ ବେହେରା, ସହକାରୀ ଜିଲାପାଳ ବାବୁଲାଲ ସାମଲ, ଚୈନୁ ଗଣ୍ଡ, ହୃଷିକେଶ ପଣ୍ଡା ଜିଲା ସାମାଜିକ ମଙ୍ଗଳ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ, ଜିଲା ଜାତୀୟ ସୂଚନା ଏବଂ ପ୍ରଯୁକ୍ତି ବିଜ୍ଞାନ ଅଧିକାରୀ ବିଶ୍ୱ ରଞ୍ଜନ ଭୁକ୍ତା, ବିଜୟ ସାହୁ, ଜିତେନ୍ଦ୍ର ଚୌଧୁରୀ, ସଂଯୁକ୍ତା ସାହୁ, ସୁବାଷ ସାହୁ, ରେଖା ବାଘ, ଜୋଛନା ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ପରାମର୍ଶ, ବ୍ୟକ୍ତିତ୍ୱ ବିକାଶ ଶିବିର

**ନବରଙ୍ଗପୁର,୧୬ (ବି.ପ୍ର.)**

ଜିଲା ପଞ୍ଚାୟତ ସାଧନ କେନ୍ଦ୍ରରେ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଏକ ଦିନିକିଆ ପରାମର୍ଶ ଏବଂ ବ୍ୟକ୍ତିତ୍ୱ ବିକାଶ ଶିବିର ବିଭିନ୍ନ ପାଳନ କରାଯାଇଛି। ବିଭିନ୍ନ ଶିଶୁ ଗୃହରେ ରହୁଥିବା ୧୬ ବର୍ଷରୁ ଉର୍ଦ୍ଧ୍ୱ ଶିଶୁମାନଙ୍କ ପାଇଁ ଆୟୋଜିତ ଏହି ଶିବିରକୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ ଉଦ୍‌ଘାଟିତ କରିଥିଲେ। ଶିବିରରେ ବିଭିନ୍ନ ଶିଶୁ ଗୃହରୁ ୫୦ରୁ ଅଧିକ ଛାତ୍ରୀଛାତ୍ର, ଜିଲା ସଂଯୋଜିକା, ଅରୁଣା ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି ଶିବିରରେ ଅତିଥିଭାବେ ଜିଲା ନିଯୁକ୍ତି ଅଧିକାରୀ, ପଲିଟେକ୍‌ନିକ କଲେଜ ଉପାଧ୍ୟକ୍ଷ, ଆଇଟିଆଇ କଲେଜ ଉପାଧ୍ୟକ୍ଷ, ପୂର୍ବତନ ଶିଶୁ ବିକାଶ ଅଧିକାରୀ, ପୂର୍ବତନ ପ୍ରଧାନ ଶିକ୍ଷକ, ଓରମାସ ଅଧିକାରୀ ଯୋଗଦେଇ ଶିଶୁଙ୍କ ଭବିଷ୍ୟତ ଏବଂ କେଉଁ ପାଠ୍ୟକ୍ରମରେ ସାମିଲ ହେଲେ ଅଧିକ ସୁଯୋଗ ମିଳିବ ସେ ନେଇ ସୂଚନା ଦେଇଥିଲେ।

# ସମସ୍ୟା ସମାଧାନ କରିବାକୁ ଅଧିକାରୀଙ୍କୁ ଜିଲାପାଳଙ୍କ ନିର୍ଦ୍ଦେଶ



ଦିବ୍ୟାଙ୍ଗଙ୍କୁ ହୁଇଲଚେୟାର ଦିଆଯାଉଛି।

**ନନ୍ଦାହାଣ୍ଡି/ନବରଙ୍ଗପୁର, ୧୬(ଡି.ଏନ୍.ଏ./ବି.ପ୍ର.)**

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ନନ୍ଦାହାଣ୍ଡି ବ୍ଲକର ବିଭିନ୍ନ ଅଞ୍ଚଳରୁ ଲୋକେ ଜିଲାପାଳଙ୍କୁ ନିଜର ତଥା ନିଜ ଅଞ୍ଚଳର ସମସ୍ୟା, ଆପତ୍ତି ଅଭିଯୋଗ ଜଣାଇବା ପାଇଁ ଆସିଥିଲେ। ଅଭିଯୋଗ ଜଣାଇବାକୁ ୩୫ ଜଣଙ୍କର ନାମ ପଞ୍ଜୀକରଣ କରାଯାଇଥିଲା। ସେଥିମଧ୍ୟରୁ ୨୮ଜଣଙ୍କର ବ୍ୟକ୍ତିଗତ ଆପତ୍ତି ଅଭିଯୋଗ ରହିଥିବାବେଳେ ୭ଟି ଗୋଷ୍ଠୀଗତ ଥିଲା। ଏଥିରେ ପାନୀୟଜଳ, ସ୍ୱାସ୍ଥ୍ୟସେବା, ରାସ୍ତା, ପ୍ରଧାନମନ୍ତ୍ରୀ ଆବାସ, ବାର୍ଦ୍ଧକ୍ୟ ଭତ୍ତା, ଶିକ୍ଷା, ଜମିଜମା ସଂକ୍ରାନ୍ତୀୟ ଅଭିଯୋଗ ରହିଛି। ଜିଲାପାଳ ଡ. କମଳ ଲୋଚନ ମିଶ୍ର ଅଞ୍ଚଳର ସମସ୍ୟା, ବ୍ୟକ୍ତିଗତ ଆପତ୍ତି ଅଭିଯୋଗ ଶୁଣି ତୁରନ୍ତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୭ଜଣ ଦିବ୍ୟାଙ୍ଗଙ୍କୁ ହୁଇଲଚେୟାର,୧୨ଜଣଙ୍କୁ ୟୁଡିଆଇଡି ସ୍ମାର୍ଟ କାର୍ଡ, ଭୁବନେଶ୍ୱରରେ ପଢୁଥିବା ଚନ୍ଦାହାଣ୍ଡିର ଦୃଷ୍ଟିଶକ୍ତିହୀନ ଦିବ୍ୟାଙ୍ଗ ଛାତ୍ର ବିକାଶ ଦାସଙ୍କୁ ଏକ ଲାପ୍‌ଟପ୍ ପ୍ରଦାନ କରାଯାଇଛି। ଏହି ଜନଶୁଣାଣି ଶିବିରରେ ଡିଆରଡିଏ ପିଡି ରତ୍ନାକର ସାହୁ, ସିଡିଏମ୍ଓ କାଳୀପ୍ରସାଦ ବେହେରା, ପିଏ ଆଇଟିଡିଏ ଅଭିମନ୍ୟୁ ମାଝି, ଡିଇଓ ପ୍ରଦୀପ ନାଗ, ଜିଲା ପଞ୍ଚାୟତ ଅଧିକାରୀ ଶିଶିର କୁମାର ପାଣି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରଫୁଲ୍ଲ ମିଶ୍ର, ଡିଆଇପିଆର୍‌ଓ ହଳଧର ନିଆଲ୍, ଜିଲା ନିୟୋଜନ ଅଧିକାରୀ ତତ୍ତ୍ୱମସି ମହାପାତ୍ର, ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ, ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ଥାନୀୟ ଜିଲା ପରିଷଦ ସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ତହସିଲଦାର ଏ. ସ୍ନେହଲତା, ବିଡିଓ ଶିବଶଙ୍କର ମୁର୍ମୁ, ପୋଲିସ ଉପସ୍ଥିତ ଥିଲେ।

# ଦୈନିକ ବଜାର ମରାମତି ନେଇ ପୌରାଧ୍ୟକ୍ଷଙ୍କୁ ଦାବିପତ୍ର



ପୌରାଧ୍ୟକ୍ଷ ଦାବିପତ୍ର ଗ୍ରହଣ କରୁଛନ୍ତି।

**ନବରଙ୍ଗପୁର,୧୬(ବି.ପ୍ର.)**

ନବରଙ୍ଗପୁର ସହରର ଦୈନିକ ବଜାରରେ ଦୋକାନୀମାନେ ରାଜୁ ସାହୁଙ୍କ ନେତୃତ୍ୱରେ ପୌରାଧ୍ୟକ୍ଷ କୁନୁ ନାୟକଙ୍କୁ ଭେଟି ୧୩ ଦଫା ଦାବିପତ୍ର ଦେଇଛନ୍ତି। ଦୈନିକ ବଜାର ପୁନରୁଦ୍ଧାର ସହ ନୂତନ ଡ୍ରେନ୍, ଦୈନିକ ବଜାର ପାର୍ଶ୍ୱରେ ଶୌଚାଳୟ, ଦୈନିକ ବଜାର ମଧ୍ୟରେ ପୂଜାମଣ୍ଡପ ସହ କମ୍ୟୁନିଟି ହଲ୍ ନିର୍ମାଣ, ପୌରପାଳିକା ପକ୍ଷରୁ ବଜାର ମଧ୍ୟରେ ପାନୀୟ ଜଳର ବ୍ୟବସ୍ଥା, ଏକ ବଡ଼ ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା, ବଜାର ମଧ୍ୟରେ ଥିବା ଖାଲଖମାକୁ ମରାମତି କରିବାକୁ ଦାବି ହୋଇଛି। ବର୍ଷାଦିନେ ପାଣି ନ ପଡିବା ପାଇଁ ଦୋକାନ ଘର ଉପରେ ଟିଣ ଆଚ୍ଛାଦନ, ଦୋକାନ ପିଣ୍ଡିର ମରାମତି, ପ୍ରତିଦିନ ଦୈନିକ ବଜାର ସଫା କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ପ୍ରତି ସପ୍ତାହରେ ଥରେ ବଜାରରେ ଫିନାଇଲ ଓ ବ୍ଲିଚିଂ ପାଉଡର ପକାଇ ବିଶୋଧନ, ବଜାର ବାହାରେ ସମସ୍ତ ବଡ଼/ଛୋଟ ଗାଡି ପାର୍କିଂ ବ୍ୟବସ୍ଥା, ସିସିଟିଭି ଲଗାଇବାକୁ ଦାବି ହୋଇଛି। ପୌରାଧ୍ୟକ୍ଷ ନାୟକ ଅତିଶୀଘ୍ର ଏହାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା କାହ୍ନୁ ଦାଶ, ପ୍ରଭାତ ସ୍ୱାଇଁ, ରୋମିଓ ରଞ୍ଜନ ପାଢ଼ୀ, ପର୍ଶୁରାମ ମାଝି, ଦୀପକ ନାୟକ, ଗୌତମ ପାଳ ପ୍ରମୁଖ ଉପସ୍ଥିତ ଥିଲେ।

# ନିଶାସକ୍ତ ହୋଇ ଗାଡ଼ି ନ ଚଳାଇବାକୁ ଡ୍ରାଇଭରଙ୍କୁ ପରାମର୍ଶ

**ଡାବୁଗାଁ, ୧୬ (ଡି.ଏନ୍.ଏ.)**

**ଡାବୁଗାଁରେ ଓଡିଶା ଡ୍ରାଇଭର ମହାସଂଘ ବୈଠକ**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍‌ରେ ଓଡ଼ିଶା ଡ୍ରାଇଭର ମହାସଂଘର ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସଂଘ କର୍ମକର୍ତ୍ତାମାନେ ଡାବୁଗାଁ ଜଗନ୍ନାଥ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ବସଷ୍ଟାଣ୍ଡରେ ସଭା ମଞ୍ଚ ନିକଟରେ ପହଞ୍ଚି ଥିଲେ। ସେଠାରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ବୈଠକରେ ଡ୍ରାଇଭରମାନଙ୍କ ଆର୍ଥିକ ସମସ୍ୟା, ଆରଟିଓ ନିୟମାବଳି, ସମସ୍ତ ଡ୍ରାଇଭର ମହାସଂଘର ନିୟମମାନିବା, ଗାଡି ଚଳାଇବା ବେଳେ ସମସ୍ତ ଡ୍ରାଇଭରମାନେ ଡ୍ରେସ କୋଡ୍ ମାନିବା ସହ ଆଗାମୀ ଦିନରେ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏଥିରେ ଥାନା ଏଏସ୍ଆଇ ବିଜୟ କୁମାର ସାହୁ ଯୋଗଦେଇଥିଲେ। ଡ୍ରାଇଭରମାନେ ଟ୍ରାଫିକ ନିୟମ ମାନି ଗାଡି ଚଳାଇବା, ଗାଡି ଚଳାଇବା ବେଳେ ସିଟ୍‌ବେଲ୍ଟ ପିନ୍ଧିବା, ମଦ୍ୟପାନ କରି ଗାଡି ନ ଚଳାଇବାକୁ ସେ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଜିଲା ସଂଘ ସମ୍ପାଦକ ଅକ୍ଷୟ ରାଓ, ସହ ସମ୍ପାଦକ ଅଜୟ କୁମାର ସିଂଦାର, ନବରଙ୍ଗପୁର ବ୍ଲକ ସଭାପତି କୁନା ଗୌଡ, ପାପଡାହାଣ୍ଡି ବ୍ଲକ ସଭାପତି ବଳରାମ ଜାନୀ, ଉପସଭାପତି ତାପସ ମଲ୍ଲିକ, ଡାବୁଗାଁ ବ୍ଲକ ସଭାପତି ସନ୍ତୋଷ ଭତ୍ରା, ଉପସଭାପତି ଦିଲ୍ଲୀପ ନାୟକ, ସମ୍ପାଦକ ଅମିରଅଲ୍ଲୀ ଖାନ, କୋଷାଧ୍ୟକ୍ଷ ଉମାକାନ୍ତ ପାତ୍ର ଙ୍କ ସମେତଅଟୋ, ଟ୍ରାକ୍ଟର, ବସ୍, ଟ୍ରକ, ପିକ୍‌ଅପ, ବୋଲେରୋ, କାର ଗୁଡିକର ପ୍ରାୟ ୨୫୦ ଜଣ ଡ୍ରାଇଭର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଶ୍ୱଜିତ ବୈଠାରୁ ପରିଚାଳନା କରିଥିଲେ।




ଡ୍ରାଇଭର ସଂଘ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

# ଭତ୍ତା ପାଇଁ ୧୦ କି.ମି. ଚାଲୁଛନ୍ତି ୮୨ ବର୍ଷୀୟ ମହିଳା

**ନବରଙ୍ଗପୁର,୧୬(ବି.ପ୍ର.)**



ଜଳେନ୍ଦ୍ରୀ ଭତ୍ରା

ଏବେ ସେ ବୟସର ଅପରାହ୍ନରେ। ଚାଲିବାକୁ ଦେହରେ ନାହିଁ ଶକ୍ତି। ଭତ୍ତା ଟଙ୍କାରେ ହିଁ ଚଳୁଛନ୍ତି। ତେଣୁ ପେଟ ଚାଖଣ୍ଡକର ଦାନା ପାଇଁ ୮୨ ବର୍ଷରେ ବି ତାଙ୍କୁ ଚାଲିବାକୁ ପଡୁଛି ଦୀର୍ଘ ୧୦ କି.ମି.। ବ୍ୟାଙ୍କକୁ ଯିବା ପରେ ମଧ ଅନେକ ଥର ନିରାଶ ହେବାକୁ ପଡୁଛି। କେତେବେଳେ ଲିଙ୍କ୍ ଫେଲ୍ ତ ଆଉ କେତେବେଳେ ଟଙ୍କା ଜମା ହୋଇ ନ ଥିବା କୁହାଯାଉଛି। ବାଡ଼ି ଖଣ୍ଡିଏ ଧରି ଜୀବନ ଯୁଦ୍ଧର ଏହି ଅଙ୍କାବଙ୍କା ରାସ୍ତାରେ ଆଗେଇବା ବେଳେ ଅନେକ ଥର ଅଟକିଯାଉଛି ପାଦ। ଆମେ ଏଠି କହୁଛୁ ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ପାତ୍ରଗୁଡା ଗାଁର ଜଳେନ୍ଦ୍ରୀ ଭତ୍ରାଙ୍କ କଥା।

ଜଳେନ୍ଦ୍ରୀଙ୍କ ନିଜର ବୋଲି କେହି ନାହାନ୍ତି। ବଖରାଏ ଆଜବେଷ୍ଟସ୍ ଘରେ ବିତୁଛି ନିଃସଙ୍ଗ ଜୀବନ। ଓଳିଏ ଖାଇଲେ ଆଉ ଓଳି ଉପାସରେ। ସାହି ପଡିଶା ଯାହା କିଛି ଖାଇବାକୁ ଦେଲେ ସେଥିରେ ପେଟ ପୂରୁଛି। ସରକାରଙ୍କ ଭତ୍ତା ଟଙ୍କା କେଇଟା ପାଇଁ ତାଙ୍କୁ କସରତ କରିବାକୁ ପଡୁଛି। ପ୍ରତି ଦୁଇ ମାସରେ ଥରେ ପାପଡାହାଣ୍ଡି ବ୍ୟାଙ୍କକୁ ଧାଉଁଛନ୍ତି। ଯିବା ଆସିବା ପଡ଼ିଯାଉଛି ୧୦ କି.ମି.। ଟାଇଁ ଟାଇଁ ଖରାକୁ ସମ୍ଭାଳି ପାରୁନି ଦୁର୍ବଳ ଶରୀର। ବାଟରେ ଦୁଇ ଚାରିଥର ଗୋଡ ଲମ୍ବାଇ ବସି ପଡୁଛନ୍ତି। ଅନେକ ସମୟରେ ବ୍ୟାଙ୍କକୁ ଯାଇ ନିରାଶ ହୋଇ ଫେରିବାକୁ ମଧ ପଡୁଛି। ସେତିକିରେ ତାଙ୍କ କଷ୍ଟ ସରୁନି। ସରକାରଙ୍କ ୫କେଜି ଚାଉଳ ପାଇଁ ବି ତାଙ୍କୁ ଯିବାକୁ ପଡୁଛି ପଞ୍ଚାୟତ କାର୍ଯ୍ୟାଳୟ। ଭତ୍ତା ଟଙ୍କା ହିତାଧିକାରୀଙ୍କ ଜମାଖାତାକୁ ସିଧାସଳଖ ଦେଇ ସରକାର ସ୍ୱଚ୍ଛତାର ପରିଚୟ ଦେଇଥିଲେ ହେଁ ଜଳେନ୍ଦ୍ରୀଙ୍କ ଭଳି ଅସହାୟ ବୃଦ୍ଧା ଏଥିଲାଗି ନାକେଦମ୍ ହେଉଛନ୍ତି। ଏଭଳି ବୃଦ୍ଧାଙ୍କୁ ଘରେ ଆଣି ସମସ୍ତ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଅପରପକ୍ଷରେ ଚଳିତ ମାସଠାରୁ ବୃଦ୍ଧାଙ୍କୁ ତାଙ୍କ ଘରେ ନେଇ ଭତ୍ତା ଓ ରାଶନ ସାମଗ୍ରୀ ଦେବା ବ୍ୟବସ୍ଥା କରାଯିବ ବୋଲି ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ କହିଛନ୍ତି। ଯଦି ଜଳେନ୍ଦ୍ରୀ ଇଚ୍ଛା ପ୍ରକାଶ କରିବେ ତାଙ୍କୁ ଜିଲାସ୍ତରୀୟ ବୃଦ୍ଧାଶ୍ରମରେ ନେଇ ରଖିବାର ବ୍ୟବସ୍ଥା କରିବେ ବୋଲି ବିଧାୟକ ରନ୍ଧାରୀ କହିଛନ୍ତି।

## ସଂକ୍ଷେପରେ

### ଟାଉନ ଥାନା ପକ୍ଷରୁ ଆମ ପୋଲିସ ବୈଠକ

**କୋରାପୁଟ,୧।୬(ସ୍ୱ.ପ୍ର.):** କୋରାପୁଟ ଟାଉନ ଥାନାରେ ବୁଧବାର ଆମ ପୋଲିସ ବୈଠକ ଅନୁଷ୍ଠିତ ହୋଇଛି। ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ଅଧକ୍ଷତାରେ ହୋଇଥିବା ଏହି ବୈଠକରେ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ, ଗାଡି ପାର୍କିଂ, ଅନଲାଇନ ଠକେଇ ଉପରେ ଆଲୋଚନା କରାଯାଇଥିଲା । ସେହିପରି ସହରରେ ଅମାନିଆ ବାଇକ ଚାଳକଙ୍କ ଉପରେ ଲଗାମ ଲଗାଇବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଆଗାମୀ ଦିନରେ ଏନେଇ ଦୃଢ ପଦକ୍ଷେପ ଗ୍ରହଣ କରାଯିବାକୁ ସ୍ଥିର ହୋଇଥିଲା। ବୈଠକରେ ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀ, ଚାମ୍ବର ଅଫ କର୍ମର୍ସର କେ. ରମେଶ, ଏସଆଇ ସୁଦର୍ଶନ ଅଧିକାରୀ, ଅଇନଜୀବୀ ଅଶୋକ ଷଡଙ୍ଗୀ, ମନୋଜ ଆଚାର୍ଯ୍ୟ, କାଉନସିଲର , ଖବରଦାତା, ବୁଦ୍ଧିଜିବୀମାନେ ଉପସ୍ଥିତ ଥିଲେ ।

### ବିଶ୍ୱ ହିନ୍ଦୁ ପରିଷଦର ସାଙ୍ଗଠନିକ ବୈଠକ

**ଜୟପୁର, ୧।୬(ନି.ପ୍ର.):** ଜୟପୁର ପୁରୁଣା ଦମକଳ ପଡ଼ିଆରେ ଥିବା ଅରବିନ୍ଦ ସ୍କୁଲରେ ବିଶ୍ୱ ହିନ୍ଦୁ ପରିଷଦର ଏକ ସାଙ୍ଗଠନିକ ବୈଠକ ନରେନ୍ଦ୍ର ଷଡ଼ଙ୍ଗୀଙ୍କ ସଭାପତିତ୍ୱ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାନ୍ତ ସହ ସଙ୍ଗଠନ ମନ୍ତ୍ରୀ ସତ୍ୟନାରାୟଣ ଥନପତି ଉପସ୍ଥିତ ଥିଲେ। ଏହି ସାଙ୍ଗଠନିକ ବୈଠକରେ ଜିଲାର ନୂତନ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଅଗମୀ ଦିନରେ ଜିଲାରେ ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟପନ୍ଥା ଉପରେ ଚର୍ଚ୍ଚା କରାଯାଇଛି। ହିନ୍ଦୁ ସଂସ୍କୃତିର ଜିଲାରେ ବିକାଶ କିଭଳି ହେବ ଜଗନ୍ନାଥ ସଂସ୍କୃତି ବିଷୟରେ ଲୋକେ କିପରି ଅବଗତ ହେବେ ସେ ନେଇ ଆଲୋଚନା ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂଘ କାର୍ଯ୍ୟକାରୀ ସଭାପତି ତେଜେଶ୍ୱର ପଣ୍ଡା, ଜିଲା ଉପସଭାପତି ନବକୃଷ୍ଣ ରଥ, ସମ୍ପାଦକ କମଳକାନ୍ତ ବିଶ୍ୱାଳ ଓ ବିଭିନ୍ନ ପ୍ରାନ୍ତରୁ ଆସିଥିବା ସଦସ୍ୟମାନେ ଉପସ୍ଥିତ ଥିଲେ।

### ଦୁର୍ଘଟଣାରେ ଜଣେ ମୃତ

**କୋଡ଼ିଙ୍ଗା, ୧।୬(ଡି.ଏନ୍.ଏ.):** ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗା ଥାନା ଅଧୀନ ଚିର୍ମା ଓ ଖଣ୍ଡିବାଗଦରି ଗ୍ରାମରେ ବୁଧବାର ଦିନ ପ୍ରାୟ ୧୧.୩୦ରେ ଦୁଇ ବାଇକ୍ ମୁହାମୁହିଁ ହେବାରୁ ଘଟଣାସ୍ଥଳରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ଅଛନ୍ତି। ମୃତକ ହେଲେ କୋଟପାଡ଼ ନିକଟ ବାସ୍ତମ୍ଭା ଗାଁର ଜୟରାମ ପୂଜାରୀ (୩୮)। ଗୁରୁତର ଜୟରାମ ଭତ୍ରା(୨୮)ଙ୍କୁ ଚିର୍ମା ଗ୍ରାମବାସୀ ଓ କୋଡିଙ୍ଗା ପୋଲିସ ଉଦ୍ଧାର କରି ଡାକ୍ତରଖାନା ନେଇଛନ୍ତି। କୋଡ଼ିଙ୍ଗା ପୋଲିସ ମୃତଦେହ ଓ ୨ ବାଇକ୍ ଜବତ କରିଛି। ସୂଚନାନୁଯାୟୀ ବାସ୍ତାମ୍ଭା ଗ୍ରାମର ଜୟରାମ ପୂଜାରୀ ନିଜ ଶ୍ୱଶୁର ଘର ପଡ଼େଇଗୁଡ଼ାରୁ ଫେରିବାବେଳେ ଜୟରାମଙ୍କ ଗାଡି ସହ ଚିର୍ମା ନିକଟ ଆମ୍ବତୋଟା ପାଖ ବୁଲାଣୀରେ ଧକ୍କା ହୋଇଥିଲା। ପୋଲିସ ୭୦/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ତଦନ୍ତକାରୀ ପୋଲିସ ଅଧିକାରୀ ଏଏସ୍ଆଇ ପ୍ରଦୀପ କୁମାର ବାଘ ସୂଚନା ଦେଇଛନ୍ତି।

### ସିଟି ସ୍କାନ୍, ଆଇସିୟୁ, ଅଲଟ୍ରାସାଉଣ୍ଡ କାର୍ଯ୍ୟକ୍ଷମ ଦାବି

**ଜୟପୁର, ୧।୬ (ନି.ପ୍ର.):** ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ କୋରାପୁଟ ଜିଲା ସହ ପଡ଼ୋଶୀ ଜିଲାବାସୀ ନିର୍ଭର କରିଥାନ୍ତି । ଚିକିତ୍ସାଳୟରେ ଥିବା ସିଟି ସ୍କାନ୍, ଆଇସିୟୁ ଓ ଅଲଟ୍ରାସାଉଣ୍ଡ କାର୍ଯ୍ୟକ୍ଷମ କରାଯାଉ ନ ଥିବାରୁ ରୋଗୀମାନେ ହଇରାଣ ହେଉଛନ୍ତି।
ସେମାନେ ଏହି ସେବା ପାଇଁ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଭାଜପା ପକ୍ଷରୁ ଦାବି କରାଯାଇଛି । ଏନେଇ ଚିକିତ୍ସାଳୟ ସୁପରିଣ୍ଟେଣ୍ଡେଣ୍ଟ ରବୀନ୍ଦ୍ରନାଥ ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲା ସାଧାରଣ ସମ୍ପାଦକ ମୋହନ ମାଝିଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ସମୟରେ ପି. କନକା ରାଓ, ନଳନୀ ଦାସ, ମଦୁ ହିୟାଲ, ରାମୁ ବେହେରା ଗମେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଗଞ୍ଜେଇ ବେପାରୀଙ୍କ ୧.୨୨ କୋଟି ସମ୍ପତ୍ତି ବାଜ୍ୟାପ୍ତ

**ଉମରକୋଟ/ନବରଙ୍ଗପୁର, ୧।୬( ସ୍ୱ.ପ୍ର./ ବି.ପ୍ର.)**

ଗଞ୍ଜେଇ କାରବାର କରି ବେଆଇନଭାବେ ଠୁଳ କରିଥିବା ସମ୍ପତ୍ତିକୁ ବାଜ୍ୟାପ୍ତ କରିଛି ନବରଙ୍ଗପୁର ପୋଲିସ। ନବରଙ୍ଗପୁର ଜିଲା ଉମରକୋଟ ଥାନା ଧଡ଼ରା ପଞ୍ଚାୟତ ଅଧୀନ ବିଏସ୍ପଦର ବାଣ୍ଡୁଆଗୁଡ଼ା ଗ୍ରାମର ଗଞ୍ଜେଇ ବେପାରୀ ସୁବାସ ବିଷୋୟୀ, ସୁବୀର ବିଷୋୟୀ ଓ ରାମଚନ୍ଦ୍ର ବିଷୋୟୀଙ୍କର ୧.୨୨ କୋଟି ଟଙ୍କା ମୂଲ୍ୟର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ଏସ୍ପି ଏସ୍.ସୁଶ୍ରୀଙ୍କ ନିର୍ଦ୍ଦେଶାନୁଯାୟୀ ବାଜ୍ୟାପ୍ତ କରାଯାଇଛି। ସୁବୀର ଓ ରାମଚନ୍ଦ୍ର ସୁବାସଙ୍କ ପୁଅ ।

ସୂଚନାନୁଯାୟୀ, ୨୪ ମାର୍ଚ୍ଚ ୨୦୨୧ରେ କୋଷଗୁମୁଡ଼ା ଥାନାରେ କେସ୍ ନମ୍ବର ୪୮ ଓ ୧୦, ଏପ୍ରିଲ ୨୧ରେ କୋଡ଼ିଙ୍ଗା ଥାନାରେ କେସ୍ ନମ୍ବର ୬୪ରେ ସୁବାସ, ରାମଚନ୍ଦ୍ର ଓ ସୁବୀରଙ୍କ ନାମରେ ଏନ୍ଡିପିଏସ୍ ଆକ୍ଟରେ ମାମଲା ରୁଜୁ ହୋଇଥିଲା। ବେଆଇନ ଗଞ୍ଜେଇ କାରବାର କରି ସେମାନେ ସମ୍ପତ୍ତି ଅର୍ଜନ କରିଥିଲେ। ଏନେଇ ନବରଙ୍ଗପୁରର ପୂର୍ବତନ ଏସ୍ପି ସ୍ମିଥ୍ ପରମାର ଅର୍ଥ ମନ୍ତ୍ରଣାଳୟ କଲିକତାକୁ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ମେ ୨ରେ ଅନୁମତି ମାଗିଥିଲେ। ଇତିମଧ୍ୟରେ ପୋଲିସ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ସହକାରୀ ଯନ୍ତ୍ରୀ, ବ୍ୟାଙ୍କ ଶାଖା କର୍ତ୍ତୃପକ୍ଷ, ରାଜସ୍ୱ ବିଭାଗର ସହାୟତାରେ ଜମିଜମା, ଘର ଓ ବ୍ୟାଙ୍କ ଆକାଉଣ୍ଟରେ କେତେ ଟଙ୍କା ରହିଛି ସେ ନେଇ ଆକଳନ କରିଥିଲା। ଅର୍ଥ ମନ୍ତ୍ରଣାଳୟ ଏସ୍ପିଙ୍କୁ ଚିଠି ନମ୍ବର ଏଫ୍ ଏନ୍ଡିପିଏସ୍ଏ/ବି-୫୨/୨୨-୨୩ ଅନୁଯାୟୀ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ମେ ୩୧ରେ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶାନୁଯାୟୀ ବୁଧବାର ସମ୍ପତ୍ତି ବାଜ୍ୟାପ୍ତ କରାଯାଇଛି। ପୋଲିସ ୨ଟି ଘର, ଗୋଟିଏ ବୁଲେଟ ସହ ଉମରକୋଟଠାରେ ଥିବା ୨ଟି ଏସ୍ବିଆଇ ଆକାଉଣ୍ଟ, ଆଇସିଆଇସିଆଇ ଓ ଆକ୍ସିସ ବ୍ୟାଙ୍କ ଆକାଉଣ୍ଟରେ ଥିବା ନଗଦ ୪ ଲକ୍ଷ ୩୯ ହଜାର ୯୦୯ ଟଙ୍କା ବାଜ୍ୟାପ୍ତ କରିଛି। ପାପଡ଼ାହାଣ୍ଡି ଏସ୍ଡିପିଓ ଆଦିତ୍ୟ ସେନ୍ଙ୍କ ନେତୃତ୍ୱରେ ଉମରକୋଟ ଅତିରିକ୍ତ ଥାନାଧିକାରୀ ଲିମରାଜ ପ୍ରଧାନ, ଏସ୍ଆଇ ଶରତ ଚନ୍ଦ୍ର କୂଟରୁକା ଏହି ସମୟରେ ଉପସ୍ଥିତ ଥିଲେ। ଅଭିଯୁକ୍ତମାନେ କୌଣସି ପକ୍ଷ ରଖିବାକୁ ଚାହୁଁଥିଲେ ୪୫ ଦିନ ମଧ୍ୟରେ ନୂଆଦିଲ୍ଲୀସ୍ଥିତ ଆପିଲେଟ ଟ୍ରିବ୍ୟୁନାଲ ନିକଟରେ ଜଣାଇପାରିବେ। ଏବେ ସୁବାସ, ରାମଚନ୍ଦ୍ର ଓ ସୁବୀର ଫେରାର ଅଛନ୍ତି।

ନବରଙ୍ଗପୁର ଜିଲାରେ ଏହା ଦ୍ୱିତୀୟ ଘଟଣା। ପ୍ରଥମଥର ପାଇଁ ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ଥାନା ଅଧୀନ ପନରାଗୁଡ଼ାରେ ୨୦୨୦ ନଭେମ୍ବର ୬ରେ ୩ ଗଞ୍ଜେଇ ବେପାରୀଙ୍କ ୪ କୋଟି ୭୭ ଲକ୍ଷ ଟଙ୍କା ମୂଲ୍ୟର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତ କରିଥିଲା ଜିଲା ପୋଲିସ। ତେବେ ଅଭିଯୁକ୍ତମାନେ ବାଜ୍ୟାପ୍ତ ସମ୍ପତ୍ତି ବିକ୍ରି, ଅନ୍ୟକୁ ହସ୍ତାନ୍ତର ଓ ବନ୍ଧକ ରଖିପାରିବେ ନାହିଁ ବୋଲି ନିର୍ଦ୍ଦେଶ ରହିଛି।


ଗଞ୍ଜେଇ ବେପାରୀଙ୍କ ଘରକୁ ପୋଲିସ ସିଲ୍ କରୁଛି।

# ବହୁମୁଖୀ ସମବାୟ ସମିତି ନିର୍ବାଚନ ପାଇଁ ବିଜ୍ଞପ୍ତି

**କୋଟପାଡ଼,୧।୬(ଡି.ଏନ.ଏ.)**

କୋରାପୁଟ ଜିଲା କୋଟପାଡ଼ ବୃହଦାକାର ବହୁମୁଖୀ ସମବାୟ ସମିତି ନିର୍ବାଚନ ସକାଶେ ବିଜ୍ଞପ୍ତି ପ୍ରକାଶ ପାଇଛି। ପଞ୍ଜୀକୃତ ସଭ୍ୟାସଭ୍ୟମାନେ ନିର୍ବାଚନରେ ଅଂଶଗ୍ରହଣ କରିପାରିବେ। କୁନ୍ଦୁରା ଗ୍ରାମପଞ୍ଚାୟତ ଅଧିକାରୀ ନିର୍ବାଚନ ପରିଚାଳନା କରିବେ। ଏହି ବୃହଦାକାର ବହୁମୁଖୀ ସମବାୟ ସମିତିକୁ ୧୫ଟି ଜୋନ୍ରେ ବିଭକ୍ତ କରାଯାଇଛି। ୧୬୭୧ ସଭ୍ୟାସଭ୍ୟ ଅଛନ୍ତି। ସେମାନେ ନିଜ ଅଞ୍ଚଳର ପ୍ରାର୍ଥୀଙ୍କୁ ଚୟନ କରିବେ। ତେବେ ପଞ୍ଜୀକରଣ ତାଲିକାରେ ଅଧିକାଂଶ ଚାଷୀଙ୍କ ନାଁ ନ ଥିବା ଅଭିଯୋଗ ହେଉଛି। ନିଜ ମତ ସାବ୍ୟସ୍ତ ପାଇଁ ମିନି ବ୍ୟାଙ୍କରେ ଆକାଉଣ୍ଟ ରହିବା ଜରୁରୀ ଥିବା ଜଣେ କର୍ମଚାରୀ କହୁଥିବା ବେଳେ କେତେଜଣ ପଞ୍ଜୀକୃତ ଚାଷୀଙ୍କ ମିନି ବ୍ୟାଙ୍କରେ ଆକାଉଣ୍ଟ ନ ଥିବା ଜଣାପଡିଛି। ୧୫ଟି ଜୋନ୍ ମଧ୍ୟରେ ବଡାସନା ୧୧୯, ଭୋସୁଲି ୫୯, ଚୋବେୟା ୧୨୩, ଚାନ୍ଦିଲି ୧୪, ଚିତ୍ରା ୮୯, ଧାମନାହାଣ୍ଡି ୯୨, ଘୁମର ୭୪, ଗିରଲା ୧୦୮, ଗୁମୁଡା ୧୩୪, କୋଟପାଡ଼ ୪୦୧, କୁସୁମୀ ୫୪, ମୁର୍ତ୍ତାହାଣ୍ଡି ୧୪୦, ଏସବି ନୂଆଁଗାଁ ୧୧୬ ଓ ଷୋଡ଼ରଙ୍ଗାର ୭୩ ଜଣଙ୍କ ନାମ ତାଲିକାରେ ରହିଛି। ଅନୁସୂଚିତ ଜନଜାତି ପାଇଁ ୭ଟି, ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ୩ଟି, ଅଣସଂରକ୍ଷିତ ବର୍ଗଙ୍କ ପାଇଁ ୫ଟି ଆସନ ରହିଛି। ଆସନ୍ତା ୩ ତାରିଖରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ସେହିଭଳି ୬ ତାରିଖରେ ମନୋନୀତ ତାଲିକା, ୧୩ ତାରିଖରେ ପ୍ରତଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ଚୂଡାନ୍ତ ତାଲିକା ପ୍ରକାଶ ପାଇବ। ୨୬ ତାରିଖରେ ଭୋଟ ଗ୍ରହଣ କରାଯିବାକୁ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

# ୪୭ ରୂପାନ୍ତରିତ ସ୍କୁଲ ଉଦ୍ଘାଟନ କଲେ ମୁଖ୍ୟମନ୍ତ୍ରୀ

**ମାଲକାନଗିରି,୧।୬ (ଡି.ଏନ.ଏ.)**

ମାଲକାନଗିରି ଜିଲାରେ ଦ୍ୱିତୀୟ ପର୍ଯ୍ୟାୟରେ ୪୭ଟି ମଡେଲ ସ୍କୁଲ ରୂପାନ୍ତରିତ ହୋଇଥିଲା। ବୁଧବାର ଭିଡିଓ କନଫରେନ୍ସ ମାଧ୍ୟମରେ ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରଛନ୍ତି। ଏନେଇ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ମହଲରେ ଖୁସି ପ୍ରକାଶ ପାଇଛି। ଜିଲାରେ ଶିକ୍ଷା କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିବାକୁ ନିଷ୍ପତ୍ତି ନେଇ ରାଜ୍ୟ ସରକାର ଜିଲାରେ ପ୍ରଥମ ପର୍ଯ୍ୟାୟରେ ୬ଟି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ କୋରୁକୋଣ୍ଡା ବ୍ଲକରେ ୭ଟି, ଚିତ୍ରକୋଣ୍ଡା ବ୍ଲକରେ ୨ଟି, ଖଇରପୁଟ ବ୍ଲକରେ ୫ଟି, କାଲିମେଲା ବ୍ଲକରେ ୧୨ଟି, ପଡିଆ ବ୍ଲକରେ ୩ଟି, ମାଲକାନଗିରି ବ୍ଲକରେ ୯ଟି, ମାଥିଲି ବ୍ଲକରେ ୯ଟି ଏପରି ମୋଟ ୪୭ଟି ସରକାରୀ ଉଚ୍ଚ ବିଦ୍ୟାଳୟକୁ ଚୟନ କରି ସେଗୁଡିକୁ ମଡେଲ ବିଦ୍ୟାଳୟର ରୂପରେଖ ଦେବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ଏହି ମଡେଲ ବିଦ୍ୟାଳୟଗୁଡିକରେ ଉନ୍ନତମାନର ଶ୍ରେଣୀଗୃହ, ଅତ୍ୟାଧୁନିକ ପ୍ରୟୋଗଶାଳା, ପାଠାଗାର, ସୁନ୍ଦରବଗିଚା ସହ ବିଭିନ୍ନ ପ୍ରତିମା ସ୍ଥାପନ କରାଯାଇଛି। ବିଦ୍ୟାଳୟର ପ୍ରତି ଶ୍ରେଣୀଗୃହକୁ ଡିଜିଟାଲ ରୂପରେଖ ମିଳିଥିବାବେଳେ ଛାତ୍ରୀଛାତ୍ରଙ୍କ ଅଧିକ ଜ୍ଞାନ ଆହରଣ ନେଇ ଉନ୍ନତମାନର ଲାଇବ୍ରେରି ରହିଛି। ଭିଡିଓ କନଫରେନ୍ସ ମାଧ୍ୟମରେ ଉଦ୍ଘାଟନ ଅବସରରେ ୫-ଟି ସଚିବ ଭିକେ ପାଣ୍ଡିଆନ, ଏମ୍ପି ରମେଶ ଚନ୍ଦ୍ରମାଝି, ଜିଲାପାଳ ବିଶାଲ ସିଂ, ଛାତ୍ରୀ ହିତାକାଂକ୍ଷୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଛାତ୍ରୀଙ୍କୁ ଭବିଷ୍ୟତରେ କଣହେବାକୁ ଲକ୍ଷ୍ୟ ରଖିଥିବା ପଚାରିବାରୁ ଛାତ୍ରୀ ଜଣକ ଜଣେ ପାଇଲଟ ହେବାକୁ ଆଶା ରଖିଥିବା ପ୍ରକାଶକରିଥିଲେ।



ଭିଡିଓ କନଫରେନ୍ସ ମାଧ୍ୟମରେ କାର୍ଯ୍ୟକ୍ରମ ଉଦ୍ଘାଟନ ଅବସରରେ ଏମ୍ପି ରମେଶ ଚନ୍ଦ୍ର ମାଝୀ ଓ ଛାତ୍ରୀ ହିତାକାଂକ୍ଷୀ ଚୌଧୁରୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ପୋଖରୀରେ ବୁଡ଼ି ୮ମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ

**ଦଶମନ୍ତପୁର, ୧।୬ ( ଡି.ଏନ୍.ଏ. )**

ସ୍କୁଲ ଛୁଟି ହେବା ପରେ ଶୌଚ ପାଇଁ ଗାଁ ପୋଖରୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡି ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ହୋଇଯାଇଛି। ଏଭଳି ଅଭାବନୀୟ ଘଟଣା କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଲୁଲା ପଞ୍ଚାୟତର ଶୁକ୍ରାପୁଟ ଗ୍ରାମରେ ଦେଖିବାକୁ ମିଳିଛି। ମୃତ ଛାତ୍ରୀ ଜଣକ ହେଲେ ପୂର୍ଣ୍ଣ ଲୋମତାଙ୍କ ଝିଅ ସୁମିତ୍ରା ଲୋମତା ( ୧୩)। ଖବରରୁ ଜଣାପଡିଛି ବୁଧବାର ସୁମିତ୍ରା ସ୍କୁଲ ଛୁଟି ପରେ ଗ୍ରାମର ତାଙ୍କର ଜଣେ ସାଙ୍ଗ ମଣିମା ନାୟକଙ୍କ ସହିତ ଶୌଚ ପାଇଁ ଗ୍ରାମ ପୋଖରୀକୁ ଯାଇଥିଲେ। ସୁମିତ୍ରା ପୋଖରୀରେ ଗାଧୋଉଥିବା ବେଳେ ମଣିମା ନିକଟସ୍ଥ ଖଜୁରି ଗଛମୂଳେ ଥିଲେ। ସୁମିତ୍ରାଙ୍କ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ଏହା ଦେଖି ମଣିମା ପାଟିକରି ଲୋକଙ୍କୁ ଡାକିଥିଲେ। ତାଙ୍କ ପାଟି ଶୁଣି ଗ୍ରାମର ବଂଶୀଧର ଲୋମତା ପୋଖରୀରେ ପଶି ସୁମିତ୍ରାଙ୍କୁ ଉଦ୍ଧାର କରିଥିଲେ। ତେବେ ସେତେବେଳେକୁ ସୁମିତ୍ରାଙ୍କ ମୃତ୍ୟୁ ହୋଇସାରିଥିଲା। ଏନେଇ ପରିବାର ଲୋକେ ଦଶମନ୍ତପୁର ଥାନାରେ ଜଣାଇବା ପରେ ଥାନା ଅଧିକାରୀ ବିଜୟରାଜ ମାଝିଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଥାନା ଅଧିକାରୀ ନିର୍ମଳା ଲିମା ଘଟଣା ସ୍ଥଳରେ ପହଞ୍ଚି ପୋଖରୀରୁ ସୁମିତ୍ରାଙ୍କ ମୃତଦେହ ବାହାରକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଉନ୍ନତ କଫି ଚାରା ଉତ୍ପାଦନ, ରକ୍ଷଣାବେକ୍ଷଣ ତାଲିମ ନେଇ ଫେରିଲେ କଫି ବଗିଚା କର୍ମଚାରୀ


ତାଲିମ ନେଇ ଫେରିଥିବା କର୍ମଚାରୀ।

**କୋରାପୁଟ,୧।୬(ସ୍ୱ.ପ୍ର.)**

ଉନ୍ନତ କଫି ଚାରା ଉତ୍ପାଦନ, କଫି ଗଛର ଉନ୍ନତ ପରିଚାଳନା ଓ ଅଧିକ କଫି ଅମଳ ନେଇ ବୈଷୟିକ ତାଲିମ ପାଇ ଫେରିଲେ କଫି ବଗିଚା କର୍ମଚାରୀ। ସେମାନଙ୍କ ପାଇଁ ଉର୍ବରା ଆଗ୍ରୋ ବାଇଟେକ ପ୍ରାଇଭେଟ ଲିମିଟେଡ କଫି କମ୍ପାନୀ ପକ୍ଷରୁ ତାଲିମ ବ୍ୟବସ୍ଥା କରାଯାଇଥିଲା। କର୍ନାଟକର ଚିକମାଗାଲୁର ସମେତ ବିଭିନ୍ନ ଅଞ୍ଚଳରେ କର୍ମଚାରୀମାନେ ୧୦ ଦିନିଆ ତାଲିମ ନେଇଥିଲେ। କଫି ବୋର୍ଡରେ କାର୍ଯ୍ୟରତ କର୍ମଚାରୀ ଓ ତତ୍ତ୍ୱାବଧାରକମାନେ କାର୍ଯ୍ୟରତ କର୍ମଚାରୀଙ୍କୁ ତାଲିମ ଦେଇଥିଲେ। ଏହା କଫି ଗଛରୁ ଅଧିକ ଅମଳକ୍ଷମ ଗୁଣାତ୍ମକ କଫି ଉତ୍ପାଦନ ଦିଗରେ ସହାୟକ ହୋଇପାରିବ । କୋରାପୁଟ ଜିଲାରେ ଦିନକୁ ଦିନ କଫି ଚାଷ ପାଇଁ ଯୁବ ଓ ଶିକ୍ଷିତ ଗୋଷ୍ଠୀଙ୍କ ମଧ୍ୟରେ ଆଗ୍ରହ ବଢୁଥିବା ଦେଖିବାକୁ ମିଳୁଛି । ବ୍ୟୟ ବହୁଳ କଫି ଚାଷରେ କ୍ଷତିର ମାତ୍ରାକୁ କମ କରିବା ନେଇ ଚାଷୀଙ୍କ ମଧ୍ୟରେ ବୈଷୟିକ ଜ୍ଞାନ କୌଶଳ ହାସଲର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉର୍ବରା ଆଗ୍ରୋ ବାୟୋଟେକ କମ୍ପାନୀ କମ ପରିଶ୍ରମରେ ଉନ୍ନତ ଚାରା ଉତ୍ପାଦନ ସହ ଏହାର ସଠିକ ପରିଚାଳନା ଲାଗି ତାଲିମ ବ୍ୟବସ୍ଥା କରିଥିଲା।

# ଜିଲାରୁ ରୋହିଙ୍ଗିଆ, ବାଂଲାଦେଶୀଙ୍କୁ ହଟାଇବା ନେଇ ଶୋଭାଯାତ୍ରା

**ଜୟପୁର, ୧।୬ (ନି.ପ୍ର.)**

ରୋହିଙ୍ଗିଆ ଓ ବାଂଲାଦେଶୀଙ୍କୁ କୋରାପୁଟ ଜିଲାରୁ ବାହାର କରିବା ଲାଗି ଜୟପୁରରେ ଏକ ଶୋଭାଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜୟପୁର ହିନ୍ଦୁ ସମାଜ ପକ୍ଷରୁ ହୋଇଥିବା ଏହି ଶୋଭାଯାତ୍ରାରେ ଶତାଧିକ ଜନସାଧାରଣ, ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ସାମିଲ ହୋଇଥିଲେ । ସୂର୍ଯ୍ୟମହଲଠାରୁ ଏହି ଶୋଭାଯାତ୍ରା ବାହାରି ମୁଖ୍ୟ ରାସ୍ତା ଦେଇ ଜୟପୁର ଟାଉନ ଥାନାଠାରେ ପହଞ୍ଚିଥିଲା। ଜୟପୁରରେ ବାଂଲାଦେଶୀ ରୋହିଙ୍ଗିୟାଙ୍କ ଉପସ୍ଥିତି ଚଳିବ ନାହିଁ। ବାଂଲାଦେଶୀ ହଟାଅ, କୋରାପୁଟ ବଞ୍ଚାଅ ଏବଂ ରୋହିଙ୍ଗିୟା ହଟାଅ କୋରାପୁଟ ବଞ୍ଚାଅ ଆଦି ପ୍ଲା କାର୍ଡ ଧରି ଶୋଭାଯାତ୍ରାକାରୀମାନେ ଟାଉନ ଥାନାରେ ପହଞ୍ଚି ଏସ୍ଡିପିଓ ଅରୁପ ଅଭିଷେକ ବେହେରା, ଟାଉନ ଥାନା ଅଧିକାରୀ ସଞ୍ଜୟ ମଣ୍ଡଳଙ୍କୁ ଦାବିପତ୍ର ଦେଇଥିଲେ। ଶୋଭାଯାତ୍ରାରେ ରଜନୀ ନାୟକ, ଲଳିତ ଆଗ୍ରୱାଲ, ବରୁଣ ଜୈନ, ସନ୍ତୋଷ ସାହୁ, ମିନକେତନ ଦାସ, ସାଧୁ ଦାସ ଚୌଧୁରୀ, କୃଷ୍ଣ କେଶବ ଷଡଙ୍ଗୀ, ସୁବାସ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ହୋଇଥିଲେ।



ରୋହିଙ୍ଗିଆ ଓ ବାଂଲାଦେଶୀଙ୍କୁ ବିରୋଧ କରି ବାହାରିଥିବା ଶୋଭାଯାତ୍ରା।

### ଗଞ୍ଜେଇ ଜବତ, ଜଣେ ଗିରଫ

**ଜୟପୁର ୧।୬ (ନି.ପ୍ର.)**

ଗଞ୍ଜେଇ ଚାଲାଣ ବେଳେ ଜୟପୁର ସଦର ପୋଲିସ ଚଢ଼ାଉ କରି ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଜୟପୁର ବାପୁଜୀନଗରର ହରିହର ବେନିଆ (୨୩)। ଏକ ବାଇକରେ ହରିହର ଗଞ୍ଜେଇ ନେଉଥିବା ଖବର ପାଇ ପୋଲିସ ତାଙ୍କୁ ବାରିଣିପୁଟ ନିକଟରେ ଧରିଥିଲା। ତାଙ୍କ ନିକଟରୁ ୩୨ କେଜି ଗଞ୍ଜେଇ ଏବଂ ବାଇକ ଜବତ ହୋଇଛି। ସେ ଏହି ଗଞ୍ଜେଇ ନବରଙ୍ଗପୁର ଚାଲାଣ କରୁଥିଲେ ବୋଲି ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି ।

# ଶାବର ଶ୍ରୀକ୍ଷେତ୍ରରେ ୩ ରଥ ନିର୍ମାଣ ଆରମ୍ଭ

**କୋରାପୁଟ,୧।୬(ସ୍ୱ.ପ୍ର.)**



ରଥଯାତ୍ରା ଆଉ ଏକ ମାସ ବାକି ରହିଛି। ଜିଲା ପ୍ରଶାସନ ଓ ମନ୍ଦିର ପରିଚାଳନା କମିଟିର ସହଯୋଗରେ ବୁଧବାର ଶାବର ଶ୍ରୀକ୍ଷେତ୍ରରେ ୩ଟି ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଶାବର ଶ୍ରୀକ୍ଷେତ୍ରରେ ପ୍ରଥମ ରଥଯାତ୍ରା ୧୯୭୨ରେ ଆରମ୍ଭ ହୋଇଥିଲା। ଚଳିତ ବର୍ଷ ଏହାକୁ ୫୦ବର୍ଷ ପୂରୁଛି। ସୁରୁଖୁରୁରେ ରଥଯାତ୍ରା ସମ୍ପନ୍ନ ଲାଗି ମନ୍ଦିର ପରିଚାଳନା କମିଟି ସମ୍ପାଦକ ଜଗବନ୍ଧୁ ସାମଲ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୁଧବାର ଅପରାହ୍ନରେ ୩ଟି ରଥ ପାଇଁ ଅକ୍ଷୟ ତୃତୀୟାରେ ଅନୁକୂଳ ହୋଇଥିବା କାଠ ମନ୍ଦିରରୁ ଅଣାଯାଇ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ପରେ ଏହାକୁ ପୂଜାର୍ଚ୍ଚନା କରାଯାଇଥିଲା । ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ, ରାଜେନ୍ଦ୍ର ମାଝି ଏବଂ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସମ୍ପାଦକ ସାମଲ କର୍ତ୍ତା ଭାବେ ଯୋଗ ଦେଇଥିଲେ। ମନ୍ଦିର ପୂଜକ ନରି ଶତପଥୀ, ମନୋଜ ମିଶ୍ରଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା କରାଯାଇ ୩ ରଥର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କୋରାପୁଟର କୁନା ମହାରଣା ଓ ନବରଙ୍ଗପୁରର ସନ୍ୟାସୀ ମାଝି ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ମନ୍ଦିର ପରିଚାଳନା କମିଟିର ଭବାନୀ ଶଙ୍କର ଆଚାର୍ଯ୍ୟ, ଅରୁଣ ଦାସ, ତ୍ରିନାଥ ପାତ୍ର, ଲଲାଟେନ୍ଦୁ ଦେଓ ଓ ତ୍ରିଲୋଚନ ଶତପଥୀ, ଭୀମସେନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ରହ, ତାରା, ନକ୍ଷେତ୍ର ଅନୁଧ୍ୟାନ ପାଇଁ କୋରାପୁଟ ପ୍ରକୃଷ୍ଟ ସ୍ଥାନ: ଯୁବ ମହାକାଶ ବିଜ୍ଞାନୀ ଅଂଶୁମାନ

**କୋରାପୁଟ,୧।୬(ସ୍ୱ.ପ୍ର.)**

ମହାକାଶରେ ଥିବା ଗ୍ରହ, ତାରା, ନକ୍ଷତ୍ର ଅନୁଧ୍ୟାନ ପାଇଁ କୋରାପୁଟ ହେଉଛି ପ୍ରକୃଷ୍ଟ ସ୍ଥାନ। ନିକଟରେ ଇସ୍ରୋ ଯାଇ କୋରାପୁଟ ଫେରିଥିବା ଦାମନଯୋଡି ଦିଲ୍ଲୀ ପବ୍ଲିକ ସ୍କୁଲର ଦଶମ ଶ୍ରେଣୀ ଛାତ୍ର ତଥା ଯୁବ ମହାକାଶ ବିଜ୍ଞାନୀ ଅଂଶୁମାନ ସାହୁ ଏହା କହିଛନ୍ତି। ବିଶେଷ କରି ଦେଓମାଳି ପର୍ବତ ଭଳି ଉଚ୍ଚ ସ୍ଥାନରେ ରାତ୍ରି ସମୟରେ ଆକାଶ ପ୍ରଦୁଷଣ ମୁକ୍ତ ରହୁଥିବାରୁ ଏହି ସମୟରେ ତାରା, ନକ୍ଷେତ୍ର, ଗ୍ରହମାନଙ୍କ ସ୍ଥିତି, ଆକାର ଏବଂ ସେମାନଙ୍କ ଗତିବିଧି ଭଲ ଭାବେ ନିରୀକ୍ଷଣ କରାଯାଇପାରିବ ବୋଲି କହିଛନ୍ତି ଅଂଶୁମାନ । ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର 'ଇସ୍ରୋ' ଦ୍ୱାରା ଚଳିତ ବର୍ଷ ପାଇଁ ଯୁବ ବୈଜ୍ଞାନିକ କାର୍ଯ୍ୟକ୍ରମରେ ଭାଗ ନେବାର ସୁଯୋଗ ପାଇଥିଲେ ଅଂଶୁମାନ। ସମଗ୍ର ଦେଶରୁ ଚୟନ ହୋଇଥିବା ୧୫୦ ଜଣ ଯୁବ ବୈଜ୍ଞାନିକଙ୍କ ମଧ୍ୟରୁ କୋରାପୁଟ ଜିଲାରୁ ସେ ଥିଲେ ଅନ୍ୟତମ। ପିଲାଟି ଦିନରୁ ତାଙ୍କର ମହାକାଶ ପ୍ରତି ବିଶେଷ ଆକର୍ଷଣ ଥିଲା ପ୍ରତ୍ୟେହ ତାଙ୍କ ମନରେ ନୂତନ ପ୍ରଶ୍ନମାନ ଉଙ୍କି ମାରୁଥିଲା । ଦାମନଯୋଡିସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରରେ ଶିକ୍ଷକତା କରୁଥିବା ଅଂଶୁମାନଙ୍କ ବାପା ରବୀନ୍ଦ୍ର କୁମାର ସାହୁ ପୁଅର ସନ୍ଦେହ ଦୂର ପାଇଁ ବିଭିନ୍ନ ସୂତ୍ରରୁ ତଥ୍ୟ ସଂଗ୍ରହ କରି ଆଣି ତାଙ୍କୁ ଦେଉଥିଲେ।



# ଭଙ୍ଗାଘରେ କଟୁଛି ଜୀବନ, ଆବାସ ଘରକୁ ଅପେକ୍ଷା

**ଦଶମନ୍ତପୁର, ୧।୬(ଡି.ଏନ୍.ଏ.)**

- ଦିବ୍ୟାଙ୍ଗ ପୁଅଙ୍କୁ ସ୍ୱତନ୍ତ୍ର ସ୍କୁଲକୁ ପଠାଇବାକୁ ନିବେଦନ
- ସହାୟତା ନ ମିଳିଲେ ବ୍ଲକ ଆଗରେ ଧାରଣା ଚେତାବନୀ

ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ପରିବାର ଲୋକେ। ବର୍ଷବର୍ଷ ଧରି ରହୁଛନ୍ତି ଭଙ୍ଗା ଟାଇଲ ଘରେ। ବର୍ଷାହେଲେ ଘର ଭିତରେ ଜମୁଛି ପାଣି। ପବନ ହେଲେ ଘର ଉପର ଟାଇଲ ଭାଙ୍ଗି ପଡୁଛି। ଏପରି ଘରେ ରହୁଛନ୍ତି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ମହକୁମାରୁ ମାତ୍ର ୨ କିମି ଦୂର ପେଡିସିଲ ଗ୍ରାମର କମଲୋଚନ ଗୌଡ଼(୫୨)। କମଳଙ୍କ ମାନସିକସ୍ଥିତି ଏବେ ଠିକ୍ ରହୁନି। ସ୍ତ୍ରୀଙ୍କ ଉପରେ ୭ ପ୍ରାଣୀ କୁଟୁମ୍ବଙ୍କ ବୋଝ।

କମଳଙ୍କ ପ୍ରଥମ ସ୍ତ୍ରୀ ରାମା ୧୦ ବର୍ଷ ତଳେ ଅଜଣା ରୋଗରେ ପଡ଼ି ଆରପାରିକି ଚାଲିଯାଇଛନ୍ତି। ତାଙ୍କର ଗୋଟିଏ ପୁଅ ଅଛି ସେ ଜନ୍ମରୁ ମୁକ ବଧିର। ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁର କିଛି ଦିନ ପରେ କମଲୋଚନ କଙ୍କଡାପୁଟ ଗ୍ରାମର କେତୁକାଙ୍କୁ ଦ୍ୱିତୀୟ ବିବାହ କଲେ। ତାଙ୍କର ୨ ପୁଅ, ଗୋଟିଏ ଝିଅ ଅଛନ୍ତି। ଘରେ କମଳଙ୍କ ବୁଢ଼ୀ ମା' ମଧ୍ୟ ରୁହନ୍ତି। ସ୍ତ୍ରୀ କୁଲିମଜୁରୀ କଲେ ୭ପ୍ରାଣୀ କଷ୍ଟେମଷ୍ଟେ ଚଳିଯାଆନ୍ତି। ସରକାରୀ ସୁବିଧା କହିଲେ ଚାଉଳ କାର୍ଡ ଖଣ୍ଡେ ଅଛି। ବୁଢୀ ମା'ଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଓ ଦିବ୍ୟାଙ୍ଗ ଲକ୍ଷ୍ମଣଙ୍କୁ ଭିନ୍ନକ୍ଷମ ଭତ୍ତା ମିଳୁଛି। ଲକ୍ଷ୍ମଣଙ୍କ ପାଠ ପଢ଼ିବାକୁ ଇଚ୍ଛା ଥିଲେ ମଧ୍ୟ ସେ ପଢ଼ି ପାରୁନାହାନ୍ତି। ଗାଁ ବିଦ୍ୟାଳୟରେ ପାଠପଢା ସେ କିଛି ବୁଝିପାରୁନାହାନ୍ତି। ପ୍ରଶାସନ ଲକ୍ଷ୍ମଣଙ୍କୁ ସ୍ୱତନ୍ତ୍ର ବିଦ୍ୟାଳୟରେ ପଢ଼ିବା ବ୍ୟବସ୍ଥା କରାଇ ଦିଅନ୍ତୁ ବୋଲି କେତୁକା କହିଛନ୍ତି। ଲକ୍ଷ୍ମଣ ଗାଁର କେତେଜଣଙ୍କ ଗାଈଗୋରୁ ଛେଳିମେଣ୍ଢା ପାହାଡ଼ରେ ଚରାଉଛନ୍ତି। ଖଣ୍ଡିଏ ଆବାସଘର ପାଇଁ କମଲୋଚନ ପଞ୍ଚାୟତ ପିଇଓ ସରପଞ୍ଚଠୁ ଆରମ୍ଭ କରି ବ୍ଲକ ପ୍ରଶାସନ ବହୁଥର ଲିଖିତ ଭାବେ ଅଭିଯୋଗ କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏଣିକି ଆବାସଘର ପାଇଁ ସ୍ଥାନୀୟ ବିଧାୟକଙ୍କୁ ମଧ୍ୟ ଗୁହାରୀ କରିଛନ୍ତି। ଘର ନ ମିଳିଲେ ପରିବାର ଲୋକେ ବ୍ଲକ ଆଗରେ ଧାରଣା ଦେବୁ ବୋଲି କେତୁକା କହିଛନ୍ତି।


ନିଜ ଭଙ୍ଗାଘର ଆଗରେ କମଳ ଲୋଚନଙ୍କ ପରିବାର।

